SHREE JAGANNATHA
TEMPLE ADMINISTRATION
Puri, Odisha

# ଶ୍ରୀମନ୍ଦିର ସମାଚାର

## SHREE JAGANNATH TEMPLE BULLETIN

ଅଗଷ୍ଟ - ୨୦୨୩ AUGUST-2023

## ପ୍ରଲମ୍ବାସୁର ବଧ ବେଶ

ଏକଦା ବୃନ୍ଦାବନର ଯମୁନା ତଟରେ ଶ୍ରୀକୃଷ୍ଣ ଓ ଶ୍ରୀବଳରାମ ଗୋପାଳ ବାଳକମାନଙ୍କ ସହ ଦୁଇ ଦଳରେ ବିଭକ୍ତ ହୋଇ କ୍ରୀଡ଼ା କରୁଥିଲେ। ଗୋଟିଏ ଦଳର ମୁଖ୍ୟ ଶ୍ରୀକୃଷ୍ଣ ଥିବାବେଳେ ଅନ୍ୟ ଦଳଟିର ମୁଖ୍ୟ ଥିଲେ ଶ୍ରୀବଳରାମ। ସେତେବେଳେ ଗୋପାଳ ବେଶରେ ରାଜା କଂସ ଦ୍ୱାରା ପ୍ରେରିତ ପ୍ରଳମ୍ବ ନାମକ ଅସୁର ଶ୍ରୀକୃଷ୍ଣ ଓ ଶ୍ରୀବଳରାମଙ୍କୁ ହରଣ କରିବାକୁ ଆସିଲା। ଭଗବାନ ଶ୍ରୀକୃଷ୍ଣ ଥିଲେ ସର୍ବଜ୍ଞ। ସେ ତାକୁ ଦେଖିବା ମାତ୍ରେ ତାକୁ ଜାଣିପାରିଥିଲେ। ତଥାପି ତାର ମିତ୍ରତା ସ୍ୱୀକାର କରି ସେମାନଙ୍କ ସହ ଖେଳିବା ପାଇଁ ସୁଯୋଗ ଦେଇଥିଲେ। ପୁଣି ମନ ମଧ୍ୟରେ ତା'ର ବଧର ଚିନ୍ତା ମଧ୍ୟ କରିଥିଲେ।



ସେମାନେ ଯେଉଁ ଖେଳ ଖେଳୁଥିଲେ ସେଥିରେ ଗୋଟିଏ ଦଳର ଖେଳାଳି ଅନ୍ୟ ଦଳର ଖେଳାଳିଙ୍କୁ ପିଠିରେ ବସାଇ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ନିର୍ଦ୍ଦିଷ୍ଟ ସ୍ଥାନକୁ ନେବାକୁ ହେଉଥିଲା। ଖେଳର ସର୍ତ୍ତ ଥିଲା ଯେ ବିଜେତା ଦଳ ଚଢ଼ିବେ ଏବଂ ବିଜିତ ଦଳ ଚଢ଼ାଇ ଚାଲିବେ। ଏହିପରି ଜଣେ ଅନ୍ୟକୁ ପିଠିରେ ଚଢ଼ାଇ ଶ୍ରୀକୃଷ୍ଣ, ଶ୍ରୀବଳରାମ ଏବଂ ଗୋପବାଳକମାନେ ଗୋଚରଣ ସହ ଭାଣ୍ଡୀର ନାମକ ବଟ ନିକଟରେ ପହଞ୍ଚିଥିଲେ।

ଏହିପରି ଖେଳରେ ଶ୍ରୀବଳରାମଙ୍କ ଦଳର ଗୋପ ବାଳକମାନେ ଜିତି ଯିବାରୁ ଶ୍ରୀକୃଷ୍ଣ ଆଦି ସେମାନଙ୍କୁ ପିଠିରେ ଚଢ଼ାଇଥିଲେ। ହାରିବା ଦଳର ଶ୍ରୀକୃଷ୍ଣ ଶ୍ରୀଦାମାଙ୍କୁ, ଭଦ୍ରସେନ ବୃଷଭଙ୍କୁ ଓ ପ୍ରଳମ୍ବ ବଳରାମଙ୍କୁ ପିଠିରେ ବସାଇଥିଲେ। ପୂର୍ବରୁ ପ୍ରଳମ୍ବ ଚିନ୍ତା କରିଥିଲା ଯେ ଶ୍ରୀକୃଷ୍ଣ ବଡ଼ ବଳବାନ ତେଣୁ ତାଙ୍କୁ ହରାଇ ପାରିବ ନାହିଁ। ଅତଏବ ସେ ଶ୍ରୀକୃଷ୍ଣଙ୍କ ଦଳରେ ଥିଲା। ପ୍ରଳମ୍ବାସୁର ଶ୍ରୀବଳରାମଙ୍କୁ ପିଠିରେ ବସାଇ ଖୁବ୍ ଜୋରରେ ଆଗେଇ ଗଲା, କିନ୍ତୁ ପିଠିରୁ ଓହ୍ଲାଇବା ସ୍ଥାନରେ ନ ରହି ଦୂରକୁ ଧାବିତ ହେଲା। ଶ୍ରୀବଳରାମ ତା'ର ମନ୍ଦ ଉଦ୍ଦେଶ୍ୟ ଜାଣିପାରିଥିଲେ ସେ ପର୍ବତ ସମାନ ଭାରି ହୋଇଗଲେ। ତାଙ୍କୁ ବହନ କରି ପ୍ରଳମ୍ବ ଆଉ ଆଗକୁ ଯାଇ ପାରିଲା ନାହିଁ । ସେ ସେଠାରେ ରୋକି ଯାଇ ସ୍ୱାଭାବିକ ଦୈତ୍ୟ ରୂପ ଧାରଣ କଲା। ସେ ଭୟାନକ ଦୈତ୍ୟ ତୀବ୍ର ବେଗରେ ଆକାଶ ମାର୍ଗରେ ଅଗ୍ରସର ହେବାର ଦେଖି ମହାବଳୀ ବଳରାମ କ୍ରୋଧିତ ହୋଇ ଅସୁରର ଶିର ଉପରେ ଏକ ବଜ୍ରମୁଷ୍ଟି ପ୍ରହାର କଲେ। ସେଥିରେ ପ୍ରଳମ୍ବର ମସ୍ତକ ଚୂର୍ଣ୍ଣ ବିଚୂର୍ଣ୍ଣ ହୋଇଯାଇଥିଲା। ତାର ମୃତ୍ୟୁରେ ଦେବତାମାନେ ସନ୍ତୁଷ୍ଟ ହୋଇ ଶ୍ରୀବଳରାମଙ୍କ ଉପରେ ପୁଷ୍ପବୃଷ୍ଟି କରିଥିଲେ। ଶ୍ରୀବଳରାମ ହେଲେ ପ୍ରଳମ୍ବଘ୍ନ, ପ୍ରଳମ୍ବାରି।

ଶ୍ରୀମନ୍ଦିରରେ ଭାଦ୍ରବ କୃଷ୍ଣ ଦ୍ୱାଦଶୀ ତିଥିରେ ଦ୍ୱାପର ଯୁଗୀନ ଲୀଳାର ସ୍ମୃତିରେ ପ୍ରଳମ୍ବାସୁର ବଧ ବେଶ ଅନୁଷ୍ଠିତ ହୁଏ। ଶ୍ରୀବଳଭଦ୍ରଙ୍କର ପ୍ରଳମ୍ବାସୁର ବଧ ବେଶ ଆୟୋଜିତ ହେବାବେଳେ ଶ୍ରୀଜଗନ୍ନାଥ ଏବଂ ଦେବୀ ସୁଭଦ୍ରା ସାଧାରଣ ବେଶରେ ବିରାଜମାନ ଥା'ନ୍ତି। ଶ୍ରୀବଳଭଦ୍ରଙ୍କ ଭୁଜ ଦ୍ୱୟରେ ହଳ, ମୁସଳ ଶୋଭାୟମାନ ହୁଏ। ରତ୍ନସିଂହାସନ ଉପରେ ପ୍ରାୟ ଚାରିଫୁଟ ଉଚ୍ଚତା ବିଶିଷ୍ଟ କାଷ୍ଠ ନିର୍ମିତ ବିଶାଳ ପ୍ରଳମ୍ବାସୁରର ମୂର୍ତ୍ତିଟିଏ ଶ୍ରୀବଳଭଦ୍ରଙ୍କ ପାଦ ଦେଶରେ ସ୍ଥାପନ କରାଯାଏ। ଅସୁରର ସ୍କନ୍ଧ ଓ ଦୁଇ ଭୁଜରେ ଶ୍ରୀବଳଭଦ୍ର ଉପବେଶନ କରିବାଭଳି ପ୍ରତୀୟମାନ ହୁଅନ୍ତି। ପୁଷ୍ପାଳକ ସେବକମାନେ ଏହି ବେଶ ରଚନା କରିଥାଆନ୍ତି। ଏହି ବେଶରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠରୁ ଆନୀତ ଦୁଇଟି କୋରା ଦୁଇ ଭୁଜରେ ଧାରଣ କରିଥାଆନ୍ତି। ମଧ୍ୟାହ୍ନ ଧୂପ ଶେଷ ହେବା ପରେ ଶ୍ରୀମନ୍ଦିର ପ୍ରଶାସନ ଦ୍ୱାରା ଏହି ବେଶ ଆୟୋଜିତ ହୋଇ ସନ୍ଧ୍ୟା ଧୂପ ଶେଷ ହେବା ପର୍ଯ୍ୟନ୍ତ ରଖାଯାଏ।

ସନ୍ଧ୍ୟାଧୂପ ପରେ ଦକ୍ଷିଣି ଘରୁ ଶ୍ରୀରାମ-କୃଷ୍ଣ ରତ୍ନସିଂହାସନକୁ ବିଜେ ହୋଇ ଆଜ୍ଞାମାଳ ପ୍ରାପ୍ତ ହେବା ପରେ ମହାଜନ ସେବକମାନଙ୍କ ହସ୍ତରେ ବିଜେ ହୋଇ ଜଗମୋହନସ୍ଥିତ ଖଟ ଉପରେ ବିରାଜମାନ କରନ୍ତି। ଏଠାରେ ଦୋଳମଣ୍ଡପ ସାହି ଆଖଡ଼ା ତରଫରୁ ପ୍ରଳମ୍ବାସୁର ବଧ ପ୍ରସ୍ତାବ ଅନୁଷ୍ଠିତ ହୁଏ। କେତେକ ପ୍ରାବନ୍ଧିକଙ୍କ ମତରେ ଷୋଡ଼ଶ ଶତାବ୍ଦୀରେ ବଳରାମ ଦାସ ଗୋସ୍ୱାମୀଙ୍କ ଦ୍ୱାରା ଏହି ବେଶର ପ୍ରବର୍ତ୍ତନ ହୋଇଥିଲା।

*ଡକ୍ଟର ଶ୍ରୀନିବାସ ଆଚାର୍ଯ୍ୟ- ମିଶ୍ର ଲେନ୍,*
*ସମ୍ପାଦକ- ଶ୍ରୀନୀଳାଚଳ ତତ୍ତ୍ୱ ସନ୍ଧାନ ପରିଷଦ, ମାର୍କଣ୍ଡେଶ୍ୱର ସାହି, ପୁରୀ*

# ଶ୍ରୀମନ୍ଦିର ନୀତି ପରିକ୍ରମା

## ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ :

ତା ୨୫.୮.୨୩ ରିଖ ଶୁକ୍ରବାର ଶ୍ରୀମନ୍ଦିରରେ ବାଡ଼ି ନୃସିଂହ ବିଜେ ନୀତି ଅନୁଷ୍ଠିତ ହୋଇଥିଲା । ଏଠାରେ ସୂଚନାଯୋଗ୍ୟ ଯେ ଝୁଲଣ ଯାତ୍ରାର ପୂର୍ବ



ଦିନ ବାଡ଼ି ନୃସିଂହ ଘରି ଆଶ୍ରମ ପରିକ୍ରମା କରିଥିଲେ । ବାଡ଼ି ନୃସିଂହ ଠାକୁରଙ୍କ ବିଜେ ନୀତି ଶ୍ରାବଣ ଶୁକ୍ଳପକ୍ଷ ନବମୀ ଦିନ ହୋଇଥାଏ । ମଧ୍ୟାହ୍ନ ଧୂପ ପରେ ଦକ୍ଷିଣ ଘରୁ ନୃସିଂହ ଯାଇ ଆଜ୍ଞାମାଳ ପାଇ ଝୁଲଣ ମଣ୍ଡପ ତଳେ ଥିବା ବିମାନରେ ବିଜେ କରି ସିଂହଦ୍ୱାର ଦେଇ ଘରି ଆଶ୍ରମକୁ ଯା'ନ୍ତି । ଯଥା- (୧) ମାର୍କଣ୍ଡ (ମାର୍କଣ୍ଡେଶ୍ୱର ସାହି- ମାର୍କଣ୍ଡେୟ ପୁଷ୍କରିଣୀ) (୨) ଅଙ୍ଗିରା (ଦୋଳମଣ୍ଡପ ସାହି) (୩) ପଣ୍ଡୁ (ବାଲିସାହି) (୪) ଭୃଗୁ (ଜୟେଶ୍ୱର- ହରଚଣ୍ଡୀ ସାହି) । ପର୍ବଯାତ୍ରା ଯୋଗାଣିଆ ଦେଇଥିବା ଶୀତଳଭୋଗ ପ୍ରତ୍ୟେକ ଆଶ୍ରମରେ ଭୋଗ ହୁଏ । ତା'ପରେ ଠାକୁର ବାହୁଡ଼ା ବିଜେ କରିଥିଲେ ।

## ଶ୍ରୀମନ୍ଦିରରେ ଝୁଲଣ ଯାତ୍ରାରମ୍ଭ :

ତା ୨୬.୮.୨୩ ରିଖ ଶନିବାର ଶ୍ରାବଣ ଶୁକ୍ଳ ଦଶମୀ ଦିନ ହୁଏ । ଭିତରେ ସର୍ବାଙ୍ଗ ବଢ଼ିଲେ ଲକ୍ଷ୍ମୀ ଓ ସରସ୍ୱତୀ ବେହେରଣ ଉପରକୁ ବିଜେ ହୋଇଥିଲେ । ଦକ୍ଷିଣ ଘର ଭୋଗ ସରିବା ପରେ ଓ ଭିତର ବେଶ ବଢ଼ିବା ପରେ ମହାଜନମାନେ ହାତରେ ବିଜେ କରାଇ ନେଇ ସିଂହାସନ ଉପରେ ଦୁଇ ଠାକୁରାଣୀଙ୍କୁ ଓ ମଦନମୋହନଙ୍କୁ ବିଜେ କରିଥିଲେ । ଜଣେ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଦେବାପରେ ଏକାଦଶୀ ବେଢ଼ାବୁଲା ସକାଶେ ମଦନମୋହନ ଆଗ ସିଂହାସନରୁ ମହାଜନଙ୍କ ହାତରେ ବିଜେ ହୋଇ ଝୁଲଣ ମଣ୍ଡପ ପାଖେ ଥିବା ପାଲିଙ୍କିରେ ବିଜେ ହେବା ପରେ ଘଣ୍ଟ, ଛତା ଓ କାହାଳୀ ସହ ବିମାନବଡୁମାନେ ବିମାନ, ବଡ଼ ଦେଉଳକୁ ବେଢ଼ାଏ ବୁଲାନ୍ତି ଓ ତା'ପରେ ଜୟବିଜୟ ଦ୍ୱାରଠାରେ ମଦନମୋହନଙ୍କ ଏକାଦଶୀ ଭୋଗ ହୋଇଥିଲା । ବନ୍ଦାପନା ହେବା ପରେ ଲକ୍ଷ୍ମୀ ଓ ସରସ୍ୱତୀ ଭିତରୁ ମହାଜନଙ୍କ ହାତରେ ସେଠାକୁ ଆସିଲା ପରେ, ତିନି ମୂର୍ତ୍ତିଙ୍କୁ ଝୁଲଣ ମଣ୍ଡପକୁ ବିଜେ କରି ଓ ପୂର୍ବ କଥିତ ମତେ ଝୁଲଣ ନୀତି ବଢ଼ିଥିଲା ।

## ଶ୍ରୀମନ୍ଦିରରେ ଶ୍ରୀବଳଭଦ୍ର ଜନ୍ମ :

ତା ୩୧.୮.୨୩ ରିଖ ଗୁରୁବାର ଗହ୍ମାପୂର୍ଣ୍ଣମୀ ତଥା ଶ୍ରୀବଳଭଦ୍ରଙ୍କ ଜନ୍ମ ଅବସରରେ ଭୋଗମଣ୍ଡପ ସରିଲା ପରେ ମୈଲମ ହୋଇ ମହାସ୍ନାନ ହୋଇଥିଲା । ଏହା ପରେ ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ସର୍ବାଙ୍ଗ ଚନ୍ଦନ ଲାଗି ବଡ଼ି ବେଶ ବଢ଼ିଥିଲା । ଉକ୍ତ ବେଶରେ ନୂଆ ବୋଇରାଣି ପତନି ଲାଗି ସହିତ ୬ ମୂର୍ତ୍ତି ଅଳଙ୍କାର ଲାଗି ହୋଇଥିଲା । ଏହାପରେ ସୁଦୁସୁଆର ପ୍ରସ୍ତୁତ କରିଥିବା ବଡ଼ବାଡ଼ରେ ଷଷ୍ଠିମାର୍କଣ୍ଡୀ ପୂଜା ପୂଜାପଣ୍ଡା, ପତିମହାପାତ୍ର, ମୁଦିରସ୍ତଙ୍କ ଦ୍ୱାରା ସମାପନ ହେବା ପରେ ବଡ଼ବାଡ଼ ତଥା ମହାପ୍ରଭୁଙ୍କ ବାଡ଼ରେ ସୁନା ଲାଗିଥିବା ପାଟରାକ୍ଷୀ ଲାଗି ହୋଇଥିଲା । ଏହାପରେ ପାଣିପଡ଼ି ମଧ୍ୟାହ୍ନ ଧୂପ ଅନୁଷ୍ଠିତ ହୋଇ ପାଣିପଡ଼ିଲା ପରେ ବଡ଼ବାଡ଼ରେ ମଙ୍ଗଳାର୍ପଣ ନୀତି ବଢ଼ିଥିଲା । ଝୁଲଣକୁ ଦିଅଁ ବିଜେ ପରେ ଦଇତାପତିମାନେ ସିଂହାସନକୁ ଆସି ଶ୍ରୀସୁଦର୍ଶନ ମହାପ୍ରଭୁଙ୍କୁ ଚଉଦୋଳକୁ ବିଜେ କରାଇଥିଲେ । ଶ୍ରୀସୁଦର୍ଶନ ଝୁଲଣ ମଣ୍ଡପ ଠାରେ ଚୂଳ, ମାଳ ଲାଗି ସହିତ ସୁନା ହରିଡ଼ା ମାଳି ଲାଗି ହୋଇ ମାର୍କଣ୍ଡ ପୁଷ୍କରିଣୀ କୂଳରେ ଥିବା ଜହ୍ନିମୁଣ୍ଡିଆକୁ ବିଜେ ହୋଇଥିଲେ । ସେଠାରେ ସୁଦୁସୁଆର ଚିକିଟା ମାଟିରେ ବଳଭଦ୍ର ପ୍ରତିମା ତିଆରି କଲା ପରେ ପୂଜାପଣ୍ଡା ନ୍ୟାସ କରି ବିଧିମୁତାବକ ଜାତକର୍ମ କରିଥିଲେ । ପରେ ପାଣିପଡ଼ି ଶୀତଳ ଭୋଗ ସରିଲା ପରେ ମୁଦିରସ୍ତ ବନ୍ଦାପନା କରିଥିଲେ ଏବଂ ମାଟି ପ୍ରତିମାକୁ ମାର୍କଣ୍ଡ ପୁଷ୍କରିଣୀରେ ବିସର୍ଜନ କରିସାରିଲା ପରେ ଶ୍ରୀସୁଦର୍ଶନ ଅନ୍ୟ ତିନି ଆଶ୍ରମକୁ ବିଜେ କରି ସେଠାରେ ବନ୍ଦାପନା, ଶୀତଳ ଭୋଗ ହୋଇ ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ ।

## ସେପ୍ଟେମ୍ବର ମାସର ବିଶିଷ୍ଟ ଦିବସ

| | |
|---|---|
| ତା. ୧.୯.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଝୁଲଣ ଯାତ୍ରା ଶେଷ |
| ତା. ୪.୯.୨୩ ରିଖ ସୋମବାର | ଶ୍ରୀଜୀଉମାନଙ୍କୁ ରାହୁ ରେଖା ଲାଗି, ରେଖା ପଞ୍ଚମୀ |
| ତା. ୫.୯.୨୩ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଗର୍ଭଉଦକ ବନ୍ଦାପନା, ଜେଉଡ଼ ଭୋଗ |
| ତା. ୬.୯.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ |
| ତା. ୭.୯.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ନନ୍ଦୋତ୍ସବ |
| ତା. ୯.୯.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ବନଭୋଜି ବେଶ, କୋଳିବିକା |
| ତା. ୧୦.୯. ୨୩ ରିଖ ରବିବାର | ଶ୍ରୀମନ୍ଦିରରେ କାଳୀୟଦଳନ ବେଶ ଓ ଧେନୁକାସୁର ବଧ ପ୍ରସ୍ତାବ |
| ତା. ୧୧.୯.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ ପ୍ରଳମ୍ବାସୁର ବଧ ବେଶ |
| ତା. ୧୨.୯.୨୩ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ କୃଷ୍ଣବଳରାମ ବେଶ ଓ ଅନ୍ନ ପ୍ରଥା |
| ତା. ୧୪.୯.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ସାତପୁରୀ ତାଡ଼ ବିଜେ |
| ତା. ୧୫.୯.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ସାତପୁରୀ ଅମାବାସ୍ୟା, ବସ୍ତ୍ରହରଣ ଲୀଳା ଓ ସାଗରବିଜେ |
| ତା. ୧୬.୯.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ଦାବାଗ୍ନି ପ୍ରସ୍ତାବ |
| ତା. ୧୭.୯.୨୩ ରିଖ ରବିବାର | ଶ୍ରୀମନ୍ଦିରରେ ନିକୁଞ୍ଜ ଲୀଳା |
| ତା. ୧୮.୯.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ ବାଲି ତୃତୀୟା, ଅନ୍ଧ ମନ୍ଦିର ହାତୀ ଓ ଅନ୍ଧଲୀଳା ପ୍ରସ୍ତାବ |
| ତା. ୧୯.୯.୨୩ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ଗଣେଶ ଚ଼ତୁର୍ଥୀ |
| ତା. ୨୦.୯.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ଋଷି ପଞ୍ଚମୀ ଓ ଦାହ ଲୀଳା ପ୍ରସ୍ତାବ |
| ତା. ୨୧.୯.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଲଳିତା ସପ୍ତମୀ, କୁକୁଟୀ ବ୍ରତ ଓ ବିମ୍ବାସୁର ବଧ ପ୍ରସ୍ତାବ |
| ତା. ୨୨.୯.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ କେକେଶୀ ବଧ ପ୍ରସ୍ତାବ, ଦୁର୍ଗା ଶୟନ |
| ତା. ୨୩.୯.୨୩ ରିଖ ଶନିବାର | ଶ୍ରୀମନ୍ଦିରରେ ରାଧାଷ୍ଟମୀ, ଶ୍ରୀସୁଦର୍ଶନ ଦେବଙ୍କ ଆଶ୍ରମ ବିଜେ |
| ତା. ୨୪.୯.୨୩ ରିଖ ରବିବାର | ଶ୍ରୀମନ୍ଦିରରେ ମଥୁରାହାଟଜୁର, କଂସ ବଧ ଲୀଳା |
| ତା. ୨୫.୯.୨୩ ରିଖ ସୋମବାର | ଶ୍ରୀମନ୍ଦିରରେ ପାର୍ଶ୍ୱପରିବର୍ତ୍ତନ ଏକାଦଶୀ |
| ତା. ୨୬.୯.୨୩ ରିଖ ମଙ୍ଗଳବାର | ଶ୍ରୀମନ୍ଦିରରେ ବାବନ ଜନ୍ମ, ଗରୁଡ଼ ପାର୍ଶ୍ୱେ ପରିବର୍ତ୍ତନ, ସୁନିଆ |
| ତା. ୨୭.୯.୨୩ ରିଖ ବୁଧବାର | ଶ୍ରୀମନ୍ଦିରରେ ବାବନ ବେଶ |
| ତା. ୨୮.୯.୨୩ ରିଖ ଗୁରୁବାର | ଶ୍ରୀମନ୍ଦିରରେ ଅନନ୍ତ ବ୍ରତ |
| ତା. ୨୯.୯.୨୩ ରିଖ ଶୁକ୍ରବାର | ଶ୍ରୀମନ୍ଦିରରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା, ଇନ୍ଦ୍ରହାତୀ ପ୍ରସ୍ତାବ |

ଶ୍ରୀମନ୍ଦିର ନାଟମନ୍ଦିରରେ ସ୍ଥାପିତ 'ହୁଣ୍ଡି' ରେ ମୁକ୍ତ ହସ୍ତରେ ଦାନ କରନ୍ତୁ ।

*ଶ୍ରୀମନ୍ଦିର ପ୍ରଶାସନ, ପୁରୀ*

# ଯାତ୍ରା ଓ ଉତ୍ସବ

ପୁରାଣ ଅନୁସାରେ ଶ୍ରୀଜଗନ୍ନାଥଙ୍କର ବାରଗୋଟି ଯାତ୍ରା ପ୍ରସିଦ୍ଧ । କିନ୍ତୁ ପରେ ଆହୁରି ଅନେକ ଯାତ୍ରା ଓ ଉତ୍ସବ ଯୋଗ କରାଯାଇ ସଂଖ୍ୟା ବୃଦ୍ଧି ପାଇଛି । ଏହି ସବୁ ଯାତ୍ରା ମଧ୍ୟରୁ କେତେକ ବିଶିଷ୍ଟ ଯାତ୍ରାର ବର୍ଣ୍ଣନା ନିମ୍ନରେ ଦିଆଗଲା ।

**୧. ସ୍ନାନଯାତ୍ରା ବା ଦେବସ୍ନାନ ପୂର୍ଣ୍ଣମା :** ଏହା ଜ୍ୟେଷ୍ଠ ମାସ ପୂର୍ଣ୍ଣିମାରେ ହୁଏ । ଏହି ଦିନ ରତ୍ନସିଂହାସନରୁ ଶ୍ରୀଜଗନ୍ନାଥ ପ୍ରଭୃତି ଦାରୁବିଗ୍ରହମାନେ ସ୍ନାନ ମଣ୍ଡପ ଉପରକୁ ଆସନ୍ତି ଓ ସେମାନଙ୍କର ସ୍ନାନ ଉତ୍ସବ ହୁଏ । ସ୍ନାନ ନିମନ୍ତେ ମନ୍ଦିରର ଉତ୍ତର ପଟେ ଥିବା ଗୋଟିଏ କୂଅରୁ ଜଳ ଅଣାଯାଏ । ତାହାକୁ ସୁନାକୂଅ କୁହାଯାଏ । ସେହି କୂଅର ଜଳ ଅନ୍ୟ କୌଣସି ସମୟରେ ବ୍ୟବହୃତ ହୁଏ ନାହିଁ । ସ୍କନ୍ଦ ପୁରାଣ ଅନୁସାରେ ଏହି ଦିନ ଜଗନ୍ନାଥଙ୍କର ଜନ୍ମଦିନ ଅଟେ । ସ୍ନାନ ନୀତି ଶେଷ ହେବାପରେ ଶ୍ରୀଜଗନ୍ନାଥ ଓ ବଳଭଦ୍ର ହାତୀ (ଗଣେଶ) ବେଶ ହୁଅନ୍ତି । ମନ୍ଦିର ବାହାରେ ଥାଇ ମଧ୍ୟ ଯାତ୍ରୀମାନେ ମହାପ୍ରଭୁଙ୍କର ଏହି ଉତ୍ସବ ଓ ବେଶ ଦର୍ଶନ କରିପାରନ୍ତି ।



ସ୍ନାନ ଯାତ୍ରାପରେ ଦାରୁ ବିଗ୍ରହମାନଙ୍କର ସଂସ୍କାର କରାଯାଇ ଆଷାଢ଼ ଅମାବାସ୍ୟା ଦିନ ସେମାନଙ୍କୁ ନୂତନ ରଙ୍ଗ ଓ ବେଶରେ ସଜ୍ଜିତ କରାଯାଏ । ଏହାକୁ ନବଯୌବନ ବେଶ କହନ୍ତି । ଏହି ପନ୍ଦରଦିନ ବିଗ୍ରହମାନଙ୍କୁ କେହି ଦର୍ଶନ କରିପାରନ୍ତି ନାହିଁ । ଏହି ସମୟକୁ ଅନବସର ବା ଅଣସର କୁହାଯାଏ । ଏହି ସମୟରେ ଚିତ୍ରପଟର ମୂର୍ତ୍ତି ଓ କେତେକ ଧାତୁମୂର୍ତ୍ତି ପୂଜିତ ହୁଅନ୍ତି । ପ୍ରତିପଦା ଦିନ ବିଗ୍ରହମାନଙ୍କର ନେତ୍ରୋତ୍ସବ ହୁଏ ।

**୨. ରଥଯାତ୍ରା ବା ଶ୍ରୀଗୁଣ୍ଡିଚା :** ଆଷାଢ଼ ଶୁକ୍ଳ ଦ୍ୱିତୀୟା ଠାରୁ ତ୍ରୟୋଦଶୀ ପର୍ଯ୍ୟନ୍ତ ଏହି ଯାତ୍ରା ହୁଏ । କିନ୍ତୁ ପ୍ରକୃତରେ ଦ୍ୱିତୀୟାଦିନର ଯାତ୍ରାକୁ ହିଁ ରଥଯାତ୍ର କୁହାଯାଏ । ଏହି ଦିନ ସକାଳର ନୀତି ଓ ଭୋଗ ପରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରା ଓ ସୁଦର୍ଶନ ତିନିଗୋଟି ରଥରେ ବିଜେ ହୋଇ ଗୁଣ୍ଡିଚା ଘରକୁ ଯାଆନ୍ତି । ଜଗନ୍ନାଥଙ୍କର ରଥ ନନ୍ଦିଘୋଷ, ବଳଭଦ୍ରଙ୍କର ରଥ ତାଳଧ୍ୱଜ ଓ ସୁଭଦ୍ରାଙ୍କର ରଥ ଦେବଦଳନ ବା ଦର୍ପଦଳନ ନାମରେ ପରିଚିତ । ସୁଭଦ୍ରାଙ୍କ ରଥରେ ସୁଦର୍ଶନ ମଧ୍ୟ ବିଜେ କରନ୍ତି । ଶ୍ରୀଜଗନ୍ନାଥଙ୍କର କେତେକ ଚଳନ୍ତି ପ୍ରତିମା ମଧ୍ୟ ରଥରେ ଗୁଣ୍ଡିଚା ମନ୍ଦିରକୁ ଯାତ୍ରା କରନ୍ତି । କିନ୍ତୁ ମହାଲକ୍ଷ୍ମୀ ଯାଆନ୍ତି ନାହିଁ । ରଥଯାତ୍ରା ଦିନ ଦାରୁ ପ୍ରତିମାମାନେ ରଥ ଉପରକୁ ଗମନ କରିବାର ଶୈଳୀକୁ ପହଣ୍ଡି କୁହାଯାଏ । ସେବକମାନେ ଜଗନ୍ନାଥ ଓ ବଳଭଦ୍ରଙ୍କ ବିଗ୍ରହଙ୍କୁ ଝୁଲାଇ ଝୁଲାଇ ଧୀରେ ଧୀରେ ଆଗକୁ ଟାଣି ରଥରେ ପହଞ୍ଚାନ୍ତି । ସୁଭଦ୍ରା ଓ ସୁଦର୍ଶନଙ୍କର ପ୍ରତିମାଙ୍କୁ ସେମାନେ ଟେକି ନିଅନ୍ତି । ଏହିପରି ଭାବରେ ମହାପ୍ରଭୁଙ୍କର ପହଣ୍ଡି ହେବା ପରେ ପୁରୀର ଗଜପତି ମହାରାଜା ରଥରେ ଚନ୍ଦନଜଳ ଓ ଫୁଲ ଛିଞ୍ଚି ସୁନା ଝାଡୁରେ ରଥ ଓଳାନ୍ତି । ଏହାକୁ ଛେରା ପହଁରା କୁହାଯାଏ । ତାପରେ ଭକ୍ତମାନେ ତିନି ରଥକୁ କ୍ରମାନ୍ୱୟରେ ଟାଣି ଟାଣି ଗୁଣ୍ଡିଚା ଘରକୁ ନେଇଯାନ୍ତି ।

ଗୁଣ୍ଡିଚା ଘରେ ସାତ ଦିନ ରହିବା ପରେ ଦଶମୀ ଦିନ ମହାପ୍ରଭୁ ଶ୍ରୀମନ୍ଦିରକୁ ଫେରି ଆସନ୍ତି । ଫେରି ଆସିବା ଦିନ ମଧ୍ୟ ରଥଯାତ୍ରା ଦିନ ପରି ମହାପ୍ରଭୁଙ୍କର ସକାଳ ନୀତି, ପହଣ୍ଡି, ଛେରା ପହଁରା ପ୍ରଭୃତି ହୁଏ । ଏହି ଯାତ୍ରାକୁ ବାହୁଡ଼ା ଯାତ୍ରା କହୁଯାଏ । ତିନି ରଥ ଶ୍ରୀମନ୍ଦିର ଆଗରେ ପହଞ୍ଚିଲେ ମଧ୍ୟ ମହାପ୍ରଭୁ ରଥ ଉପରେ ତିନି ଦିନ ରହନ୍ତି ଓ ସେଠାରେ ଏକାଦଶୀ ଦିନ ମହାପ୍ରଭୁଙ୍କର ସୁନାବେଶ ଓ ଦ୍ୱାଦଶୀ ଦିନ ଅଧରପଣା ଭୋଗ ହୁଏ । ତ୍ରୟୋଦଶୀ ଦିନ ମହାପ୍ରଭୁ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରନ୍ତି ।

ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କୁ ସଙ୍ଗରେ ନେଇ ରଥଯାତ୍ରା କରିଥିବାରୁ ମହାଲକ୍ଷ୍ମୀ ଲୋକାଚାର ଅନୁସାରେ ଅଭିମାନ କରନ୍ତି । ସେହି ମାସର ପଞ୍ଚମୀ (ହେରାପଞ୍ଚମୀ) ଦିନ ଲକ୍ଷ୍ମୀ ଗୁଣ୍ଡିଚା ଘରକୁ ଯାଇ ରାଗରେ ରଥର ଗୋଟିଏ ଅଂଶ ଖୁଣ କରି ଦିଅନ୍ତି । ତ୍ରୟୋଦଶୀ ଦିନ ଜଗନ୍ନାଥ ଶ୍ରୀମନ୍ଦିର ଭିତରକୁ ପ୍ରବେଶ କରିବା ବେଳେ ସେ ଦ୍ୱାର ବନ୍ଦ କରି ଦିଅନ୍ତି ଓ ଜଗନ୍ନାଥଙ୍କ ସହିତ କଳି କରନ୍ତି । ଶେଷରେ ଏହାର ସମାଧାନ ହୋଇଥାଏ ।

ଜନଶ୍ରୁତି ଅନୁଯାୟୀ ରାଜା ଇନ୍ଦ୍ରଦ୍ୟୁମ୍ନ ପ୍ରଥମେ ଜଗନ୍ନାଥଙ୍କୁ ଗୁଣ୍ଡିଚା ଘରେ ସ୍ଥାପନ କରିଥିଲେ ଓ ପରେ ମୁଖ୍ୟ ମନ୍ଦିରକୁ ଉତ୍ସବ ଓ ଆଡ଼ମ୍ବର ସହକାରେ ସ୍ଥାନାନ୍ତର କରାଇଥିଲେ । ତେଣୁ ଏହି ଘଟଣାର ସ୍ମୃତିରେ ରଥ ଯାତ୍ରାର ଆରମ୍ଭ ହୋଇଅଛି । ଇନ୍ଦ୍ରଦ୍ୟୁମ୍ନଙ୍କ ସ୍ତ୍ରୀଙ୍କ ନାମ ଗୁଣ୍ଡିଚା ହୋଇଥିବାରୁ ଏହାକୁ ଗୁଣ୍ଡିଚା ଯାତ୍ରା କୁହାଯାଏ । କେହି କେହି ଚୋଡ଼ଗଙ୍ଗ ଦେବଙ୍କ ରାଣୀଙ୍କ ନାମ ଗୋଣ୍ଡଚୋଡ଼ରୁ ଗୁଣ୍ଡିଚା ହୋଇଥିବା ପ୍ରକାଶ କରନ୍ତି । ଅନ୍ୟ କେତେକଙ୍କ ମତରେ ଏହି ଶବ୍ଦଟି ଏକ ଅନାର୍ଯ୍ୟ ଶବ୍ଦ । ସେ ଯାହା ହେଉ, ଏହି ଯାତ୍ରାଦ୍ୱାରା ପତିତ ଓ ବିଧର୍ମୀମାନେ ମଧ୍ୟ ଜଗନ୍ନାଥଙ୍କର ଦର୍ଶନ ଲାଭ କରି ଥାଆନ୍ତି । ତେଣୁ ଏହାର ଅନ୍ୟନାମ ପତିତପାବନ ମହୋତ୍ସବ ଅଟେ । ଏହାକୁ ଘୋଷ ଯାତ୍ରା, ମହାବେଦୀ ମହୋତ୍ସବ, ମଥୁରାଯାତ୍ରା ପ୍ରଭୃତି ମଧ୍ୟ କୁହାଯାଏ ।

**୩. ଚନ୍ଦନଯାତ୍ରା :** ବୈଶାଖ ଶୁକ୍ଳ ତୃତୀୟା (ଅକ୍ଷୟ ତୃତୀୟା) ଠାରୁ ୨୧ ଦିନ ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଚନ୍ଦନଯାତ୍ରା ଅନୁଷ୍ଠିତ ହୁଏ । ଏହି ଦିନମାନଙ୍କରେ ମଦନମୋହନ, ଲକ୍ଷ୍ମୀ ଓ ସରସ୍ୱତୀ ନରେନ୍ଦ୍ର ପୁଷ୍କରିଣୀକୁ ଯାଇ ଚାପ ଖେଳନ୍ତି । ଦିନକୁ ଦୁଇଥର ଚାପ ଖେଳ ହୁଏ । ଏଠାରେ ପ୍ରତ୍ୟେକ ଦିନ ଭୋଗ ଓ ବେଶ ଇତ୍ୟାଦି ହୋଇଥାଏ । ଶେଷଦିନ ଭଉଁରୀ ହୁଏ ।

**୪. ଦୋଳଯାତ୍ରା :** ଫାଲଗୁନ ଶୁକ୍ଳ ଦଶମୀ ଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଦୋଳଯାତ୍ରା ଅନୁଷ୍ଠିତ ହୋଇଥାଏ । ଏହି ଦିନମାନଙ୍କରେ ଦୋଳଗୋବିନ୍ଦ, ଲକ୍ଷ୍ମୀ ଓ ସରସ୍ୱତୀ ଶ୍ରୀମନ୍ଦିର ବାହାରେ ଉତ୍ତରପୂର୍ବ କୋଣରେ ଥିବା ଦୋଳବେଦୀକୁ ବିଜେ କରନ୍ତି । ସେହିଠାରେ ଭୋଗ, ବନ୍ଦାପନା ଓ ଫଗୁ ଖେଳ ପ୍ରଭୃତି ହୁଏ ।

**୫. ଶ୍ରୀକୃଷ୍ଣ ଜନ୍ମ ଓ କୃଷ୍ଣ ଲୀଳା :** ଭାଦ୍ରବ କୃଷ୍ଣ ଅଷ୍ଟମୀ (ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ) ଠାରୁ ଶୁକ୍ଳ ତ୍ରୟୋଦଶୀ ପର୍ଯ୍ୟନ୍ତ ଶ୍ରୀକୃଷ୍ଣ ଜନ୍ମ ଓ ବାଲ୍ୟଲୀଳା ଉତ୍ସବ ଆଦି ଆଡ଼ମ୍ବରରେ ପାଳନ କରାଯାଏ । ଜନ୍ମାଷ୍ଟମୀ ଦିନ ଜନ୍ମ ଉତ୍ସବ ହେବା ରେ ବିଭିନ୍ନ ଦିନ ଶ୍ରୀକୃଷ୍ଣଙ୍କର ଗୋଟିଏ ଗୋଟିଏ ବାଲ୍ୟଲୀଳା ଶ୍ରୀମନ୍ଦିରରେ, ଜଗନ୍ନାଥ ବଲ୍ଲଭ ମଠରେ ଓ ସହରର ବିଭିନ୍ନ ସ୍ଥାନରେ ପାଳନ କରାଯାଏ । ସହରର ବାସିନ୍ଦାମାନେ ମଧ୍ୟ ଏଥିରେ ଭାଗ ନିଅନ୍ତି ।

**୬. ଝୁଲଣ ଯାତ୍ରା :** ଶ୍ରାବଣ ଶୁକ୍ଳ ନବମୀ ଠାରୁ ସାତଦିନ ପର୍ଯ୍ୟନ୍ତ ମହାପ୍ରଭୁଙ୍କର ଝୁଲଣ ଯାତ୍ରା ହୁଏ । ଏଥିପାଇଁ ମୁକ୍ତି ମଣ୍ଡପ ଉପରେ ଗୋଟିଏ ସୁନ୍ଦର ଦୋଳି ତିଆରି ହୁଏ ଓ ମଦନମୋହନ, ଲକ୍ଷ୍ମୀ ଓ ସରସ୍ୱତୀ ତହିଁରେ ଝୁଲନ୍ତି । (କ୍ରମଶଃ)

# ଫଟୋରେ ଖବର...



ତା ୪.୮.୨୩ ରେ ନୀଳାଦ୍ରି ଭକ୍ତନିବାସ ଠାରେ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଆହୂତ 'ଶ୍ରୀମନ୍ଦିର ପରିଚାଳନା କମିଟି' ବୈଠକ




ତା ୫.୮.୨୩ ରେ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟର ସଚିବ ଶ୍ରୀଯୁକ୍ତ ଅଜୟ କୁମାର ଭଲ୍ଲା ଏବଂ କେନ୍ଦ୍ର ଗୁଇନ୍ଦା ବ୍ୟୁରୋ ନିର୍ଦ୍ଦେଶକ ଶ୍ରୀଯୁକ୍ତ ତପନ କୁମାର ଡ଼େକା ଶ୍ରୀମନ୍ଦିର ଉପ-ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଶ୍ରୀଯୁକ୍ତ ସମର୍ଥ ବର୍ମା ଏବଂ ଉଚ୍ଚପଦାଧିକାରୀମାନଙ୍କ ଗହଣରେ ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୮.୮.୨୩ ରେ ନୀଳାଦ୍ରି ଭକ୍ତ ନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ ନିଃଶୁଳ୍କ 'ମଧୁମେହ ଓ ଚକ୍ଷୁ ପରୀକ୍ଷା ଏବଂ ପରାମର୍ଶ' ଶିବିର




ତା ୯.୮.୨୩ ରେ ଓଡ଼ିଶାର ମହାମହିମ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ସପରିବାର ଶ୍ରୀମନ୍ଦିରରୁ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୧୨.୮.୨୩ ରେ କେନ୍ଦ୍ର, ନିୟୋଜନ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଶ୍ରୀଯୁକ୍ତ ଭୂପେନ୍ଦ୍ର ଯାଦବ ଶ୍ରୀମନ୍ଦିରରେ ଶ୍ରୀବିଗ୍ରହମାନଙ୍କ ଦର୍ଶନ ସାରି ଫେରୁଅଛନ୍ତି



ତା ୧୨.୮.୨୩ ରେ କେନ୍ଦ୍ର ଖାଉଟି ବ୍ୟାପାର ମନ୍ତ୍ରୀ (ରାଜ୍ୟ) ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ଚୌବେ ଶ୍ରୀମନ୍ଦିରରୁ ଶ୍ରୀଚତୁର୍ଦ୍ଧା ମୂର୍ତ୍ତିଙ୍କ ଦର୍ଶନ ସାରି ଫେରୁଅଛନ୍ତି

# ଫଟୋରେ ଖବର...





ତା ୧୪.୮.୨୩ ରେ ନୀଳାଦ୍ରି ଭକ୍ତନିବାସ ଠାରେ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆୟୋଜିତ ନିଃଶୁଳ୍କ 'ଲିଭର୍ ଏବଂ ଗ୍ୟାସ' ଜନିତ ରୋଗର ପରୀକ୍ଷା ଏବଂ ପରାମର୍ଶ ଶିବିର





ତା ୧୬.୮.୨୩ ରେ ଅମାବାସ୍ୟା ଅବସରରେ ଶ୍ରୀନାରାୟଣଙ୍କ ସାଗର ବିଜେ



ତା ୧୭.୮.୨୩ ରେ କେନ୍ଦ୍ର ଅର୍ଥ ମନ୍ତ୍ରୀ ଶ୍ରୀମତୀ ନିର୍ମଳା ଶୀତାରମଣ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀଯୁକ୍ତ ଧର୍ମେନ୍ଦ୍ର ପ୍ରଧାନଙ୍କ ଗହଣରେ ଶ୍ରୀମନ୍ଦିରକୁ ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଯାଉଅଛନ୍ତି



ତା ୧୮.୮.୨୩ ରେ ଶ୍ରୀନଅର ଠାରେ ଗଜପତି ମହାରାଜା ଶ୍ରୀ ଶ୍ରୀ ଦିବ୍ୟସିଂହ ଦେବଙ୍କ ଅଧ୍ୟକ୍ଷତାରେ ଏବଂ ଶ୍ରୀମନ୍ଦିର ମୁଖ୍ୟ-ପ୍ରଶାସକ ଶ୍ରୀଯୁକ୍ତ ରଂଜନ କୁମାର ଦାସଙ୍କ ଉପସ୍ଥିତିରେ ଆହୂତ 'ଶ୍ରୀଜଗନ୍ନାଥ ତତ୍ତ୍ୱ, ଗବେଷଣା ପ୍ରକାଶନ ଓ ପ୍ରସାର ଉପ-ସମିତି ଅନ୍ତର୍ଗତ-ପ୍ରକାଶନୀ ମଣ୍ଡଳୀ'ର ପ୍ରଥମ ବୈଠକ

## (୧୩) ୧୮୭୭ ମସିହା ପୁରୀ ରଥଯାତ୍ରା
### (ଭାଗ-୧୨-ସଂଖ୍ୟା ୩୦ - ତା ୨୧ ରିଖ, ଜୁଲାଇ)

ଏ ବର୍ଷ ପୁରୀର ରଥଯାତ୍ରା ଅତି ସାମାନ୍ୟ ରୂପେ ହୋଇଅଛି । ଯାତ୍ରିଙ୍କ ସଂଖ୍ୟା ଅତ୍ୟନ୍ତ ଊଣା ଓ ଗୋବିନ୍ଦଦ୍ୱାଦଶୀ ସମୟରେ ଏବର୍ଷ ଅନେକ ଯାତ୍ରି ଆସିଥିବାରୁ ଏପରି ଘଟିଅଛି । ସାନ୍ନଯାତ୍ରା ପର୍ଯ୍ୟନ୍ତ ପ୍ରାୟ ହ୩ଜାର ଯାତ୍ରୀ ହୋଇଥିଲେ ଓ ତହିଁ ଉତ୍ତାରୁ ଆନୁମାନିକ ୫/୭ ହଜାର ଆସିଲେ । ମୋଟରେ ଗୁଣ୍ଡିଚବେଳକୁ ଦଶହଜାର ଯାତ୍ରୀ ସୁଦ୍ଧା ଏକତ୍ରିତ ହୋଇ ନଥିଲେ । ଯାତ୍ରୀ ଅଧିକ ନହେବାରୁ ଘର ଭଡ଼ା ଅନେକ ଶସ୍ତା ହୋଇଥିଲା । ଏମନ୍ତକି ଗତବର୍ଷ ତାହା ଏକଟଙ୍କାରୁ ପାଞ୍ଚଟଙ୍କା ପର୍ଯ୍ୟନ୍ତ ହେବାସ୍ଥଳେ ଏ ବର୍ଷ ଚରିଅଣା ଠାରୁ ଦୁଇଟଙ୍କା ପର୍ଯ୍ୟନ୍ତ ହୋଇଥିଲା । ସୁତରାଂ ଯାତ୍ରିଙ୍କର ସବୁ ବିଷୟରେ ସୁବିଧା ହୋଇଥିଲା ଓ ରୋଗର ପ୍ରାଦୁର୍ଭାବ ନାହିଁ ବୋଇଲେ ଅତ୍ୟୁକ୍ତି ହେବ ନାହିଁ । ନବଯୌବନ ଦର୍ଶନ ସକାଶେ ପ୍ରାତଃକାଳରୁ ମନ୍ଦିରର ଦ୍ୱାର ଫିଟିଲା ଓ ବାବୁ କମଳନାଥ ଘୋଷ ଦର୍ଶନ କରାଇବାର ଭାର ପାଇଥିଲେ । ଦୁଇଘଣ୍ଟା ମଧ୍ୟରେ ସମସ୍ତ ଯାତ୍ରୀ ସୁଖରେ ଦର୍ଶନ କରି ଚଳିଗଲେ । ମାତ୍ର ଗୁଣ୍ଡିଚ ଯାତ୍ରାରେ ଅତ୍ୟନ୍ତ ବିଳମ୍ବ ହୋଇଥିଲା । ରଥମାନ ନିର୍ମାଣ ହୋଇ ପୂର୍ବଦିନରୁ ସିଂହଦ୍ୱାରରେ ପ୍ରସ୍ତୁତ ରହିବାର ବିଧି । କିନ୍ତୁ ଏ ବର୍ଷ ଗୁଣ୍ଡିଚ ଯାତ୍ରା ଦିନ ଅପରାହ୍ନ କାଳ ପର୍ଯ୍ୟନ୍ତ ତାହା ହୋଇ ନଥିଲା । ରଥ ଶୀଘ୍ର ପ୍ରସ୍ତୁତ ନ ହେବାରୁ ଓ ଅନ୍ୟାନ୍ୟ କାରଣରୁ ମହାପ୍ରଭୁମାନେ ରଥକୁ ବିଜେ ହେଉ ହେଉ ପ୍ରାୟ ରାତ୍ର ଶେଷ ହୋଇଗଲା । ଏ ବିଷୟରେ ଯେତେ ବିଶୃଙ୍ଖଳା ଘଟିଅଛି



ସେ ସମସ୍ତ ମହାରାଜାଙ୍କର ଅଥବା ତାହାଙ୍କ କର୍ମଚାରିଙ୍କର ତ୍ରୁଟିରୁ ହୋଇଅଛି ବୋଲିବାକୁ ହେବ । ପୂର୍ବରୁ ସତର୍କ ହୋଇ କାର୍ଯ୍ୟ କରିଥିଲେ ଯଥା ସମୟରେ ସମସ୍ତ ବିଧି ସମ୍ପାଦିତ ହୋଇପାରନ୍ତା ।

ତା ୧୩ରିଖ ଶୁକ୍ରବାର ଭୋର ରଥଟଣା ହେଲା । ତାହିଁ ଉପରଓଳି ବଳଦେବଙ୍କ ରଥଟଣା ହେବାରୁ କିଛିଦୂର ଆସି କାଶୀନାଥ ମଲ୍ଲିକ ବା ତା କୋଠାତଳେ ଥିବା ଗୁଡ଼ିଆ ଓ ବଣିଆର କାହି ଘରମାନ ଲାଗିବାରୁ ସେଦିନ ସେ ରଥ ବନ୍ଦ ହୋଇ ସୁଭଦ୍ରାଙ୍କ ରଥଟଣା ହୋଇ ମାଉସୀମା ଘର ପର୍ଯ୍ୟନ୍ତ ଚଳିଗଲା ।

ତା ୧୪ରିଖ ଶନିବାର ଉପରଓଳି ବଳଦେବଙ୍କ ରଥ ଟଣା ହୋଇ ହାସପାତାଳ ପର୍ଯ୍ୟନ୍ତ ଗଲା ।

ତା ୧୫ରିଖ ରବିବାର ଉପରଓଳି ଜଗନ୍ନାଥଙ୍କ ରଥଟଣା ହୋଇ ଗଣଶକ୍ଲବ ପର୍ଯ୍ୟନ୍ତ ଗଲା ଇତି ।●



## ପୁସ୍ତକ-ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପଦ୍ଧତି

*ପୂର୍ବ ପ୍ରକାଶିତ ଉତ୍ତାରୁ ....*

### ଶ୍ରୀଜଗନ୍ନାଥ ପାଞ୍ଚରାତ୍ର ପୂଜାବିଧି :
ଓଁ ଶ୍ରୀଗଣେଶାୟ ନମଃ

### ଅବିଘ୍ନମସ୍ତୁ
''ମଙ୍ଗଳାଚରଣମ୍'

ନୀଳାଚଳନିବାସାୟ ନିତ୍ୟାୟ ପରମାତ୍ମନେ ।
ବଳଭଦ୍ରସୁଭଦ୍ରାଭ୍ୟାଂ ଜଗନ୍ନାଥାୟ ତେ ନମଃ ॥

ମଙ୍ଗଳକାମନା : ଓଁ ମଙ୍ଗଳଂ ଭଗବାନ୍ ବିଷ୍ଣୁମଙ୍ଗଳଂ ମଧୁସୂଦନଃ ।
ମଙ୍ଗଳଂ ପୁଣ୍ଡରୀକାକ୍ଷୋ ମଙ୍ଗଳଂ ଗରୁଡ଼ଧ୍ୱଜଃ ॥
ମାଧବୋ ମାଧବୋ ବିଷ୍ଣୁର୍ମାଧବୋ ମାଧବୋ ହରିଃ ।
ସ୍ମରନ୍ତି ସାଧବୋ ନିତ୍ୟଂ ସର୍ବକାର୍ଯ୍ୟେଷୁ ମାଧବମ୍ ॥
ସର୍ବେଷାଂ ସ୍ୱସ୍ତିର୍ଭବତୁ ସର୍ବେଷାଂ ଶାନ୍ତିର୍ଭବତୁ ।
ସର୍ବେଷାଂ ପୂର୍ଣ୍ଣଂ ଭବତୁ ସର୍ବେଷାଂ ମଙ୍ଗଳଂ ଭବତୁ ॥

ହୃତ୍‌ପବିତ୍ରକରଣମ୍ : ଓଁ ଅପବିତ୍ରଃ ପବିତ୍ରୋ ବା ସର୍ବାବସ୍ଥାଂ ଗତୋଽପି ବା ।
ଯଃ ସ୍ମରେତ୍ ପୁଣ୍ଡରୀକାକ୍ଷଂ ସ ବାହ୍ୟାଭ୍ୟନ୍ତରଃ ଶୁଚିଃ ॥

ମାର୍ଜନମ୍ : ଓଁ ପୁନନ୍ତୁ ମା ଦେବଜନାଃ ପୁନନ୍ତୁ ମନସାଧିୟଃ ।
ପୁନନ୍ତୁ ବିଶ୍ୱା ଭୂତାନି ଜାତବେଦଃ ପୁନୀହି ମା ॥

ବଟୁଧାରଣମ୍ : ଓଁ ବଟୁମନ୍ତ୍ରସ୍ୟ ବ୍ରହ୍ମା ଋଷିଃ ଗାୟତ୍ରୀଛନ୍ଦଃ ବଟୁରୂପୀ ବ୍ରହ୍ମାବିଷ୍ଣୁମହେଶ୍ୱରାଃ ଦେବତାଃ ମମାଭିଷ୍ଟସିଦ୍ଧୟେ ବଟୁ ଧାରଣେ ବିନିଯୋଗଃ ।

ମନ୍ତ୍ରଃ : ଓଁ ଶ୍ରୀଂ ହ୍ରୀଂ କ୍ଲୀଂ ବଟୁକାୟ ନମଃ ।

ଧ୍ୟାନଂ : ଓଁ ଅତସୀକୁସୁମଶ୍ୟାମଂ ପଦ୍ମାକ୍ଷଂ ପୀତବାସସମ୍ ॥
କଦମ୍ବମାଳିନଂ କୃଷ୍ଣଂ ଧ୍ୟାୟତୋ ନାସ୍ତି ଦୁର୍ଗତିଃ ॥
ତ୍ୱଂ ଚ ବଟୁ ସ୍ୱୟଂ ବ୍ରହ୍ମା ରୁଦ୍ରୋ ବିଷ୍ଣୁଃ ପ୍ରଜାପତିଃ ।
ତ୍ୱଂ ଓ ସାବିତ୍ରୀ ଗାୟତ୍ରୀ ବଟୁଦେବ ନମୋଽସ୍ତୁତେ ॥

ଚନ୍ଦନଧାରଣମ୍ :

| | | |
|---|---|---|
| ଲଲାଟେ | - | କେଶବାୟ ନମଃ |
| କଣ୍ଠେ | - | ପୁରୁଷୋତ୍ତମାୟ ନମଃ |
| ଉଦରେ | - | ନାରାୟଣାୟ ନମଃ |
| ଦକ୍ଷିଣବାହୌ | - | ଶ୍ରୀଧରାୟ ନମଃ |
| ବାମବାହୌ | - | ବାସୁଦେବାୟ ନମଃ |
| ହୃଦୟେ | - | ମାଧବାୟ ନମଃ |
| ଦକ୍ଷିଣପାର୍ଶ୍ୱେ | - | ଗୋବିନ୍ଦାୟ ନମଃ |
| ବାମପାର୍ଶ୍ୱେ | - | ତ୍ରିବିକ୍ରମାୟ ନମଃ |
| ବାମକର୍ଣ୍ଣମୂଳେ | - | ବିଷ୍ଣବେ ନମଃ |
| ଦକ୍ଷିଣକର୍ଣ୍ଣମୂଳେ | - | ମଧୁସୂଦନାୟ ନମଃ |
| ଶିରୋମଧ୍ୟେ | - | ହୃଷୀକେଶାୟ ନମଃ |
| ପୃଷ୍ଠେ | - | ପଦ୍ମନାଭାୟ ନମଃ |

ପ୍ରାର୍ଥନା : ଚନ୍ଦନସ୍ୟ ମହାପୁଣ୍ୟଂ ପବିତ୍ରଂ ପାପନାଶନଂ ।
ଆପଦା ହରତେ ନିତ୍ୟଂ ଲକ୍ଷ୍ମୀର୍ବସତି ସର୍ବଦା ॥ ●

(କ୍ରମଶଃ...)

ପୂର୍ବ ପ୍ରକାଶିତ ଉତ୍ତାରୁ ....

# ଶ୍ରୀମନ୍ଦିରରେ ବିଜେ ପ୍ରତିମା

## (୪) ଶ୍ରୀଦୋଳଗୋବିନ୍ଦ

**ଅନବସରରେ ଦଶାବତାର ଅନ୍ତର୍ଗତ ପ୍ରତିମା :** ଜ୍ୟେଷ୍ଠ ପୂର୍ଣ୍ଣିମା ଦିନ ରାତ୍ରିରେ ସ୍ନାନମଣ୍ଡପରୁ ଠାକୁରମାନେ ବାହୁଡ଼ିବା ଠାରୁ ପନ୍ଦର ଦିନ, ଅନବସର ବା ଅଣସର ନାମରେ ଆଖ୍ୟାତ । ଏହି ପନ୍ଦର ଦିନ ମହାପ୍ରଭୁଙ୍କ ଦର୍ଶନ ନିଷିଦ୍ଧ । ସ୍ନାନମଣ୍ଡପରୁ ଠାକୁରମାନେ ଫେରିବା ପୂର୍ବରୁ ଅଣସର ପିଣ୍ଡିରେ ଚାନ୍ଦୁଆ ବନ୍ଧାଯାଏ । ସ୍ନାନବେଦୀରୁ ଫେରି ଠାକୁରମାନେ ଏହିଠାରେ ବିଜେ ହୁଅନ୍ତି । ଏହାପରେ ଶ୍ରୀବିଗ୍ରହମାନଙ୍କ ଶ୍ରୀଅଙ୍ଗରେ ଲାଗି ହୋଇଥିବା ରାହୁରେଖା ଏବଂ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କର ହୀରା, ଶ୍ରୀବଳଭଦ୍ରଙ୍କର ନୀଳା ଓ ଦେବୀ ସୁଭଦ୍ରାଙ୍କର ମାଣିକ୍ୟ ଚିତାମାନ ବାହାର କରାଯାଇ ସିଲ୍ ହେବା ପରେ ଭଣ୍ଡାର ମେକାପଙ୍କ ତତ୍ତ୍ୱାବଧାନରେ ଭଣ୍ଡାରଘରେ ରଖାଯାଇଥାଏ । ଏହାପରେ ତିନିଗୋଟି ଖଣ୍ଡୁଆ ଶ୍ରୀମୁଖରେ ଲାଗିହୁଏ । ଅଣସର ପିଣ୍ଡିର ଚାରିପଟେ ବାଉଁଶତାଟି ଘେରାଇ ଦିଆଯାଏ । କେବଳ ଧୁକୁଡ଼ି ଦୁଆର ପାର୍ଶ୍ୱରେ ଗୋରାବାଟ ରହେ । ତାଟିବାଡ଼ର ବାହାରପଟକୁ ଗୋଟିଏ ବଡ଼ ଖଟ ପକାଇଦିଆଯାଇ ଚତୁଃପାର୍ଶ୍ୱରେ ମାଟିର ବନ୍ଧ ଦିଆଯାଏ । ମହାଜନ ସେବକମାନେ ଦକ୍ଷିଣିଘରୁ ରାମ, କୃଷ୍ଣ ଓ ନୃସିଂହଙ୍କୁ ଆଣି ଶ୍ରୀବଳଭଦ୍ରଙ୍କ ବାଡ଼ରେ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ଆଣି ଦେବୀ ସୁଭଦ୍ରାଙ୍କ ବାଡ଼ରେ ଏବଂ ମଦନମୋହନ ଓ ଦୋଳଗୋବିନ୍ଦଙ୍କୁ ଆଣି ଶ୍ରୀଜଗନ୍ନାଥଙ୍କ ବାଡ଼ରେ ଖଟ ଉପରେ ବିଜେ କରାଇଥାଆନ୍ତି । ଏହାପରେ ଏଥିପୂର୍ବରୁ ଚିତ୍ରକାରଙ୍କ ଘରୁ ଘଣ୍ଟ, ଛତା, କାହାଳାଦି ସହ ଅଣାଯାଇଥିବା ତିନି ବାଡ଼ର ପଟିଠାକୁର ବାସୁଦେବ, ଭୁବନେଶ୍ୱରୀ ଓ ନାରାୟଣଙ୍କୁ ଯଥାକ୍ରମେ ତାଟି ଦେହରେ ସଜ୍ଜିତ କରି ବିଜେ କରାଯାଏ । ଏହି ଦଶମୂର୍ତ୍ତି (ଖଟ ଉପରେ ସାତ ଓ ତାଟିରେ ତିନି) ଠାକୁରଙ୍କୁ ଦଶାବତାର ଠାକୁର ବୋଲି କୁହାଯାଇଥାଏ । ସମସ୍ତେ ବିଜେ ହୋଇ ସାରିବା ପରେ ପଞ୍ଚାମୃତରେ ସ୍ନାନ କରାଯାଏ । ଦଶାବତାର ଠାକୁରମାନଙ୍କ ଆଗରେ ସମସ୍ତ ଦୈନନ୍ଦିନ ନୀତି ଏବଂ ଭୋଗରାଗ ହୋଇଥାଏ । ଚତୁର୍ଦ୍ଦଶୀ ଦିନର ଚକା ଅପସର ଲାଗି ପରେ ରାତ୍ର ଅବସାନକାଳରେ ଦଶାବତାରଙ୍କର ମଙ୍ଗଳ ଆଳତି ଓ ଅବକାଶ ବଢ଼ିବା ଉତ୍ତାରେ ଖଟ ଉପରେ ବିଜେ କରିଥିବା ଶ୍ରୀଦୋଳଗୋବିନ୍ଦଙ୍କ ସମେତ ସାତ ମୂର୍ତ୍ତିଙ୍କ ମଧ୍ୟରୁ ପାଞ୍ଚ ମୂର୍ତ୍ତିକୁ ଦକ୍ଷିଣି ଘରକୁ, ଶ୍ରୀଦେବୀ ଓ ଭୂଦେବୀଙ୍କୁ ଖଟଶେଯ ଘରକୁ ନିଆଯାଏ ।



**ଶୀତଳଷଷ୍ଠୀରେ ପଞ୍ଚୁଗ୍ରାସୀ ନୀତି :** ଜ୍ୟେଷ୍ଠମାସ ଶୁକ୍ଳପକ୍ଷ ଷଷ୍ଠୀଦିନ ସନ୍ଧ୍ୟାଧୂପ ପରେ ଦକ୍ଷିଣିଘରୁ ଆସି ଶ୍ରୀଦୋଳଗୋବିନ୍ଦ ଠାକୁର ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଖଟଶେଯ ଘରେ ବିଜେ ହୁଅନ୍ତି । ଏହାପରେ ଭିତରେ ମୈଲମ, ଆଲଟଲାଗି, ପଣାଲାଗି, ଚନ୍ଦନଲାଗି ଓ ବଡ଼ସିଂହାର ଭୋଗ ଶେଷ ହୁଏ । ପଞ୍ଚମହାଦେବ (ପଞ୍ଚପାଣ୍ଡବ) ଆଜ୍ଞାମାଳ ପାଇ ନଥିବାରୁ ପହୁଡ଼ନୀତି ବନ୍ଦ ରହେ । ପଞ୍ଚପାଣ୍ଡବ ଜଗମୋହନରେ ବିଜେ କଲାପରେ ସେମାନଙ୍କୁ ଆଜ୍ଞାମାଳ ଦିଆଯାଏ । ତାପରେ ଏମାନେ ଲକ୍ଷ୍ମୀ ମନ୍ଦିରକୁ ବିଜେ ହୋଇ ସେଠା ଜଗମୋହନରେ ପଡ଼ିଥିବା ଖଟଶେଯ ଉପରେ ବିଜେ ହୁଅନ୍ତି । ଖଟଶେଯ ଘରୁ ଶ୍ରୀଦୋଳଗୋବିନ୍ଦଙ୍କୁ ଘଣ୍ଟ, ଛତା ଓ କାହାଳୀ ସହ ମହାଜନେ ହାତରେ ନେଇ ସେଠାରେ ଜଗମୋହନରେ ପଡ଼ିଥିବା ଖଟଶେଯ ଉପରେ ବିଜେ କରାନ୍ତି । ପୂଜା ଠା' ହୋଇ ଶୀତଳଭୋଗ ଛେକ ଆସିଲେ ମୁଦିରସ୍ତ ପ୍ରସାଦଲାଗି କରନ୍ତି ଓ ପୂଜାପଣ୍ଡା ପଞ୍ଚୋପଚାରରେ ୧୧ ପନ୍ତି ଭୋଗ କରନ୍ତି । ବନ୍ଦାପନା ପରେ ଶ୍ରୀଦୋଳଗୋବିନ୍ଦ ଦକ୍ଷିଣି ଘରକୁ ବାହୁଡ଼ି ଆସନ୍ତି ।

**ଭାଦ୍ରବ ପୂର୍ଣ୍ଣିମାରେ ଇନ୍ଦ୍ରଗୋବିନ୍ଦ ବନ୍ଦାପନା :** ଭାଦ୍ରବ ମାସ ପୂର୍ଣ୍ଣିମାକୁ ଲୋକଚଳଣିରେ ଇନ୍ଦୁ ପୂର୍ଣ୍ଣିମା କୁହାଯାଏ । କିନ୍ତୁ ପ୍ରକୃତରେ ଏହି ପୂର୍ଣ୍ଣିମାଦିନ ଇନ୍ଦ୍ରଙ୍କ ପୂଜା ହେଉଥିବାରୁ ଏହା ଐନ୍ଦ୍ରୀ ପୂର୍ଣ୍ଣିମା ନାମରେ ଖ୍ୟାତ । ଇନ୍ଦ୍ରପୂଜା ଶ୍ରୀମନ୍ଦିରରେ ଭାଦ୍ରବ ଶୁକ୍ଳ ଦ୍ୱାଦଶୀଠାରୁ ପୂର୍ଣ୍ଣିମା ପର୍ଯ୍ୟନ୍ତ ପାଳିତ ହୋଇଥାଏ । ଭାଦ୍ର ଶୁକ୍ଳ ଦ୍ୱାଦଶୀ ଦିନ ଗହାଣୀ ମଣ୍ଡପ ନିକଟବର୍ତ୍ତୀ ବଡ଼ଛତା ମଠ କୋଣରେ କାଠ ଗୟଳରେ ସପ୍ତମେଘୀ ପୋତାଯାଏ । ଶ୍ରୀମନ୍ଦିରରେ ଠାକୁରମାନଙ୍କର ସନ୍ଧ୍ୟାଧୂପ ସରିଲେ ସେଠାରେ ପୂଜା ଠା' କରାଯାଏ । ଆସ୍ଥାନ ପ୍ରତିହାରୀ ଭୋଗ ନିମନ୍ତେ ରୋଷକୁ ଡାକିଗଲେ ରୋଷରୁ ଦୁଇ ଓଳି ଅନ୍ନ ଆସି ଏଠାରେ ପନ୍ତୀ ବଢ଼େ । କେବଳ ଏହିଦିନ ବର୍ଷକେ ଥରେ ଶଙ୍ଖୁଡ଼ି ବାହାରକୁ ବାହାରେ । ପୂର୍ଣ୍ଣିମା ପର୍ଯ୍ୟନ୍ତ ସପ୍ତମେଘୀ ବନ୍ଧାହୋଇ ରହେ । ଭାଦ୍ରବ ପୂର୍ଣ୍ଣିମା ଦିନ ସନ୍ଧ୍ୟା ଆଳତି ବେଶରେ ଶ୍ରୀଅଙ୍ଗରେ ଖଣ୍ଡିଏ ଅଧିକ ମାଳ ଆଜ୍ଞାମାଳ ପାଇଁ ଲାଗି ହୋଇଥାଏ । ସନ୍ଧ୍ୟା ଆଳତି ଶେଷ ହେବାପରେ ଦକ୍ଷିଣି ଘରୁ ଶ୍ରୀଦୋଳଗୋବିନ୍ଦଙ୍କୁ ମହାଜନ ସେବକମାନେ ରତ୍ନ ସିଂହାସନକୁ ବିଜେ କରାନ୍ତି । ମହାପ୍ରଭୁଙ୍କ ବାଡ଼ରେ ବିଜେ ହେଲା ପରେ ପୂଜାପଣ୍ଡା ଶ୍ରୀଦୋଳଗୋବିନ୍ଦଙ୍କୁ ଆଜ୍ଞାମାଳ ପ୍ରଦାନ କରନ୍ତି । ଏହାପରେ ମହାଜନ ସେବକମାନେ ଠାକୁରଙ୍କୁ ହାତରେ ଧରି ମୁକ୍ତିମଣ୍ଡପ ତଳେ ଥିବା ପାଲିଙ୍କିରେ ବିଜେ କରାନ୍ତି । ବିମାନବଡୁ ସେବକମାନେ ପାଲିଙ୍କି କାନ୍ଧେଇ ଘଣ୍ଟ, ଛତା, କାହାଳୀ ସହିତ ସିଂହଦ୍ୱାରକୁ ଆସି, ସେଠାରେ ବଡ଼ଛତା ମଠ ପାଖ ଟିକିରା ଗୋହିରୀରେ କୋଠସୁଆଁସିଆ ପକାଇଥିବା ଖଟ ଉପରେ ପାଲିଙ୍କିକୁ ବିଜେ କରାନ୍ତି । ଏହିଦିନ ମଧ୍ୟାହ୍ନ ଧୂପ ପରେ ଲେଙ୍କା ସେବକ ହରଚଣ୍ଡୀ ସାହି ଆଖଡ଼ାକୁ ଇନ୍ଦ୍ରହାତୀ ଆଣିବା ପାଇଁ ରେଖ ଦେଇ ନିମନ୍ତ୍ରଣ କରିଥାଆନ୍ତି । ହରଚଣ୍ଡୀ ସାହି ଆଖଡ଼ା ପକ୍ଷରୁ ବାଉଁଶ ପାତିଆ ଓ ଧଳାକନାରେ ଆବୃତ ହୋଇଥିବା ଚାରିଗୋଟି ଚକ ଲଗାଥିବା ସୁସଜ୍ଜିତ ଏକ ଐରାବତ ହାତୀ ସିଂହଦ୍ୱାରକୁ ଆସେ । ଏହି ହାତୀ ପିଠିରେ ଦୁଇଜଣ ସେବକ ଇନ୍ଦ୍ର ଓ ମାହୁନ୍ତ ରୂପେ ବେଶହୋଇ ବସି ଥାଆନ୍ତି । ହାତୀ ଟିକିରା ଗୋହିରୀ ଠାରେ ବିଜେ କରିଥିବା ଶ୍ରୀଦୋଳଗୋବିନ୍ଦଙ୍କ ସମ୍ମୁଖକୁ ଆସିଲେ ପୂଜାପଣ୍ଡା ପଞ୍ଚୋପଚାର ବିଧିରେ ଶୀତଳଭୋଗ ମଣୋହି କରାନ୍ତି । ଭୋଗପରେ ଭିତରଚ୍ଛ ମହାପାତ୍ର ଦୋଳଗୋବିନ୍ଦ ଓ ଇନ୍ଦ୍ରଦେବଙ୍କ ନିକଟରେ କର୍ପୂର ଆଳତି, ଚଉଳ ବନ୍ଦାପନାଦି କର୍ମ ସମ୍ପାଦନ କରନ୍ତି । ଏହାପରେ ଶ୍ରୀଦୋଳଗୋବିନ୍ଦ ଦକ୍ଷିଣି ଘରକୁ ବାହୁଡ଼ା ବିଜେ କରିଥାଆନ୍ତି ।

(କ୍ରମଶଃ)

*ଡକ୍ଟର ନରେଶ ଚନ୍ଦ୍ର ଦାଶ*
*ମହାସଚିବ, ଶ୍ରୀଜଗନ୍ନାଥ ଚେତନା ଗବେଷଣା ପ୍ରତିଷ୍ଠାନ, ପୁରୀ*

জାଣିବା କଥା ...

# ଅଣାକ୍ଷର

**ପ୍ରଶ୍ନ ଓ ଉତ୍ତର :**

୧. ପ୍ର - ଶ୍ରୀମନ୍ଦିରରେ 'ଛାଟିଆ'ଙ୍କ ଭୂମିକା କ'ଣ ?
ଉ - ଚ଼ଉକିଆ, ପାଇକ, ବେତ୍ରଧାରୀ ଶାନ୍ତି ରକ୍ଷକ, ଚୌକିଦାର । ଶ୍ରୀମନ୍ଦିର ଭିତରେ ପହରା ଦେବା ପାଇଁ ହାତରେ ବେତ ଧରିଥିବା ସେବକ ।

୨. ପ୍ର - ଶ୍ରୀମନ୍ଦିରରେ 'ଛାଡ଼ଖାଇ' ପର୍ବ କ'ଣ ଗୁରୁତ୍ୱ ବହନ କରିଥାଏ ?
ଉ - କାର୍ତ୍ତିକ ପୂର୍ଣ୍ଣିମାର ପର ଦିବସ । ମାର୍ଗଶୀର କୃଷ୍ଣ ପ୍ରତିପଦ । ହବିଷିଆଳିମାନେ କାର୍ତ୍ତିକ ମାସ ଯାକ ବ୍ରତ କରିଥିବା ଯୋଗୁ ଯେଉଁ ଖାଦ୍ୟ ଛାଡ଼ି ଥାଆନ୍ତି, ତାହା ଛାଡ଼ଖାଇ ଦିନ ଖାଆନ୍ତି । ଶ୍ରୀମନ୍ଦିରରେ ଛାଡ଼ଖାଇ ଦିନ ମଧ୍ୟାହ୍ନ ଧୂପ ପରେ ଭଣ୍ଡାର ଲୋକନାଥ ମନ୍ଦିରର ପାଳିଆ ସେବକମାନଙ୍କ ସହ ଲୋକନାଥ ମନ୍ଦିରକୁ ବିଜେ ହୋଇ ସେଠାରେ ଭୋଗ ବନ୍ଦାପନା ପରେ ବାହୁଡ଼ା ବିଜେ ହୋଇଥାଆନ୍ତି ।

୩. ପ୍ର - ଶ୍ରୀମନ୍ଦିରରେ 'ଛାମୁ ଖୁଣ୍ଟିଆ' କହିଲେ କ'ଣ ବୁଝାଯାଏ ?
ଉ - ଶ୍ରୀମନ୍ଦିର କର୍ମାଙ୍ଗୀ ଅନୁଯାୟୀ ତିନି ଦୋସଡ଼ା ଓ ଯୋଡ଼ା ବେତ ଧରି ସିଂହାସନ ପାଖେ ଜାଗ୍ରତ ରହିଥିବା ସେବକ । ଛାମୁରୁ ବାହାର ନହେବା, ଅଣସର ପଟି ଦ୍ୱାରା ଆକଟି ରହିବା, ରୋଷ ଅନ୍ନ ଜଗିବା, ଛେକ ଆସିବା ବେଳେ ଆକଟ ଦୃଷ୍ଟି ଦେବା ଆଦି ଏହାଙ୍କର କାର୍ଯ୍ୟ ।

୪. ପ୍ର- ଶ୍ରୀମନ୍ଦିରରେ 'ଛାମୁ ଚିଟାଉ'ର ଗୁରୁତ୍ୱ କ'ଣ ?
ଉ- ରାଜାଙ୍କ ଚିଠି ଛାମୁ ଚିଟାଉ ନାମରେ ପରିଚିତ । ରାଜାଙ୍କ ଆଦେଶ ପତ୍ର । ଯେଉଁ ଆଦେଶ ପତ୍ର ସ୍ୱୟଂ ରାଜାଙ୍କ ଶ୍ରୀହସ୍ତରେ ଲେଖା ହୋଇ ପ୍ରେରିତ ହୋଇଥାଏ । ଏହାକୁ ମଧ୍ୟ ସନନ୍ଦ କୁହାଯାଏ । ଶ୍ରୀମନ୍ଦିର ଭିତରେ ଭୋଗ ଦେବା ପାଇଁ ବିଭିନ୍ନ ମଠବାଡ଼ିକୁ ଛାମୁ ଚିଟାଉ ପ୍ରଦାନ କରିଥାଆନ୍ତି ।

*ସୌଜନ୍ୟ- ଶ୍ରୀମନ୍ଦିର ଶବ୍ଦକୋଷ- ଶ୍ରୀଜଗନ୍ନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର*

# ନମଇଁ ନୃସିଂହ ଚ଼ରଣ

ଓଡ଼ିଆ ଭାଗବତକାର ଅତିବଡ଼ୀ ଜଗନ୍ନାଥ ଦାସ ସଂସ୍କୃ ଭାଗବତକୁ ଓଡ଼ିଆ ଭାଷାରେ ଅନୁବାଦ କଲାବେଳେ ନୃସିଂହଙ୍କୁ ବନ୍ଦନା କରି ଲେଖିଅଛନ୍ତି-

'ନମଇଁ ନୃସିଂହ ଚ଼ରଣ । ଅନାଦି ପରମ କାରଣ ॥

ଗୀତଗୋବିନ୍ଦକାର ଭକ୍ତକବି ଜୟଦେବ ତାଙ୍କ ରଚିତ ଦଶାବତାର ବର୍ଣ୍ଣନାରେ ନୃସିଂହଙ୍କୁ ପ୍ରମୁଖ ସ୍ଥାନ ପ୍ରଦାନ କରି କହିଅଛନ୍ତି-



'କେଶବ ଧୃତ-ନରହରି ରୂପ ଜୟ ଜଗଦୀଶ ହରେ ॥

ମତ୍ସ୍ୟ, କଚ୍ଛପ, ବରାହ ଅବତାର ପରେ ମହାପ୍ରଭୁ ନର ଓ ସିଂହର ମିଶ୍ରିତ ଶରୀରରେ ଅବତୀର୍ଣ୍ଣ ହୋଇଅଛନ୍ତି । ସେ ପୁଣି ଏକ ଖମ୍ବମଧ୍ୟରୁ ଅଯନକ ଭାବେ ବାହାରି ଆସିଛନ୍ତି ।

ଭାଷ୍ୟକାର ଶ୍ରୀଧରସ୍ୱାମୀ ମଧ୍ୟ ଏହି ନୃସିଂହ ଅବତାରଙ୍କୁ ଶ୍ରେଷ୍ଠ ସ୍ଥାନ ପ୍ରଦାନ କରି ଅଛନ୍ତି । ଭକ୍ତ ଶ୍ରେଷ୍ଠ ଇନ୍ଦ୍ରଦ୍ୟୁମ୍ନ ମହାରାଜା ଶ୍ରୀମନ୍ ନାରାୟଣଙ୍କୁ ଖୋଜି ଖୋଜି ନୀଳାଚ଼ଳରେ ପହଞ୍ଚିବା ପୂର୍ବରୁ ଜାଣିବାକୁ ପାଇଲେ ମହାପ୍ରଭୁ ଅନ୍ତର୍ଧାନ ହୋଇଯାଇଛନ୍ତି । ଏ ସମ୍ବାଦରେ ସେ ହତୋତ୍ସାହ ହୋଇଗଲେ । ଦେବର୍ଷି ନାରଦ ତାଙ୍କୁ ସାନ୍ତ୍ୱନା ଦେଇ କହିଲେ ନୀଳାଚଳ ଧାମରେ ପହଞ୍ଚି ଆପଣ ପ୍ରଥମେ ଏକ ନୃସିଂହ ମନ୍ଦିର ନିର୍ମାଣ କରନ୍ତୁ । ସେଠାରେ ଯଜ୍ଞାନୁଷ୍ଠାନ କରିବେ । ମୁଁ ବ୍ରହ୍ମାଙ୍କ ଦ୍ୱାରା ପ୍ରେରିତ ଯଜ୍ଞ ନୃସିଂହ ମୂର୍ତ୍ତିଙ୍କୁ ନେଇ ପହଞ୍ଚିବି । ନୃସିଂହ ଭଗବାନଙ୍କୁ ଆବାହନ କଲେ ଶ୍ରୀଜଗନ୍ନାଥ ମହାପ୍ରଭୁ ସନ୍ତୁଷ୍ଟ ହେବେ । ମହର୍ଷି ନାରଦଙ୍କ ପରାମର୍ଶରେ ଇନ୍ଦ୍ରଦ୍ୟୁମ୍ନ ମହାରାଜା ଆସି ନୀଳାଚଳରେ ପହଞ୍ଚିଲେ । ଶ୍ରୀନୀଳକଣ୍ଠ ମହାଦେବଙ୍କ ସନ୍ନିକଟରେ ବିଶ୍ୱକର୍ମାଙ୍କ ପୁତ୍ର ଦ୍ୱାରା ଏକ ପଶ୍ଚିମାଭିମୁଖୀ ମନ୍ଦିର ଓ ଯଜ୍ଞମଣ୍ଡପ ନିର୍ମାଣ କରାଇଲେ । ଯଜ୍ଞ ଶେଷରେ ନୃସିଂହ ଭଗବାନ ଦର୍ଶନ ଦେଲେ ଏବଂ ତା' ପରଦିନ ଅବଭୃତ ସ୍ନାନବେଳେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ମହାଦାରୁ ମହୋଦଧି କୂଳରେ ବାଙ୍କି ମୁହାଣଠାରେ ଲାଗିଥିବାର ଦେଖିଲେ । ଏହି ମହାଦାରୁରେ ସ୍ୱୟଂ ଶ୍ରୀଜଗନ୍ନାଥ ମହାପ୍ରଭୁ ଆପଣାର ଚ଼ତୁର୍ଦ୍ଧା ମୂର୍ତ୍ତି ନିର୍ମାଣ କରିଛନ୍ତି । ଏହି ଚ଼ତୁର୍ଦ୍ଧାମୂର୍ତ୍ତି ଅସମ୍ପୂର୍ଣ୍ଣ ବୋଲି ଭକ୍ତମାନେ କୁହାକୁହି ହେଲେ । ମାତ୍ର ସ୍ୱର୍ଗବାଣୀ ହେଲା ଏହା ହିଁ ମହାପ୍ରଭୁଙ୍କର ବାସ୍ତବ ରୂପ । ଭକ୍ତମାନଙ୍କ ଆବେଗକୁ ଲକ୍ଷ୍ୟ କରି ସେମାନଙ୍କର ତୃପ୍ତି ପାଇଁ ବିଭିନ୍ନ ପୂଜା ପାର୍ବଣ ବେଳେ ସୁବର୍ଣ୍ଣ ବେଶରେ ପୂର୍ଣ୍ଣାବୟବ ରୂପରେ ସଜାଇ ହେବାକୁ ମହାପ୍ରଭୁ ଆଜ୍ଞା ଦେଲେ । ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କ ଅନୁରୋଧରେ ସୃଷ୍ଟି କର୍ତ୍ତା ବ୍ରହ୍ମା ବ୍ରହ୍ମଲୋକରୁ ଆସି ଶ୍ରୀକ୍ଷେତ୍ରରେ ପହଞ୍ଚିଲେ ଏବଂ ମହର୍ଷି ଭରଦ୍ୱାଜଙ୍କ ଦ୍ୱାରା ମନ୍ଦିର ଓ ରତ୍ନସିଂହାସନକୁ ପ୍ରତିଷ୍ଠା କରାଇ ତହିଁରେ ମହାପ୍ରଭୁଙ୍କୁ ବିଜେ କରାଇଲେ । ଇନ୍ଦ୍ରଦ୍ୟୁମ୍ନ ମହାରାଜାଙ୍କୁ ଶ୍ରୀନୃସିଂହ ମନ୍ତ୍ରରେ ଦୀକ୍ଷିତ କରାଇ ମହାପ୍ରଭୁଙ୍କୁ ଆବାହନ କରିବା ପାଇଁ ଆଜ୍ଞା ଦେଲେ । ସମଗ୍ର ପରିବେଶକୁ ଉଦ୍‌ଭାସିତ କରି ଶ୍ରୀନୃସିଂହ ଆପଣା ରୂପରେ ପ୍ରତିଭାତ ହେଲେ । ଏଠାରେ ଉପସ୍ଥିତ ସମସ୍ତେ ଭୟଭୀତ ହୋଇଗଲେ । ବ୍ରହ୍ମଦେବ ମହାପ୍ରଭୁଙ୍କ ସମ୍ମୁଖରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ରଖି ପ୍ରାର୍ଥନା କରିବା ପାଇଁ ଉପଦେଶ ଦେଲେ । ଭକ୍ତକୁ ଆପଣା ସମ୍ମୁଖରେ ଦେଖି ଭୟଙ୍କର ଭୀଷଣକାୟ ଶ୍ରୀନୃସିଂହ ଶାନ୍ତ ହୋଇଗଲେ ଏବଂ ମନୁଷ୍ୟ ଭାଷାରେ ଉପଦେଶ ଦେବା ପାଇଁ ଆରମ୍ଭ କଲେ । ମହାପ୍ରଭୁ କହିଲେ ଆମ୍ଭେ ଦାରୁ ରୂପରେ ଅବତୀର୍ଣ୍ଣ ହୋଇଛୁ ବୋଲି, କେହି ଯେପରି ଆମ୍ଭଙ୍କୁ ଅବଜ୍ଞା ନ କରନ୍ତି । ଆଜି ଅର୍ଥାତ୍ ଜ୍ୟେଷ୍ଠ ମାସ ଶୁକ୍ଳପକ୍ଷ ପୂର୍ଣ୍ଣିମା ତିଥିରେ ପ୍ରତିବର୍ଷ ଆମ୍ଭର ଜନ୍ମଦିନ ପାଳନ କରାଯିବ । ଏହା ତୁମ୍ଭେ ଏବଂ ତୁମ୍ଭର ପରବର୍ତ୍ତୀ ରାଜନ୍ୟବର୍ଗଙ୍କ ପାଇଁ ପରାମର୍ଶ ବୋଲି ଜାଣିବ । କୌଣସି ଭକ୍ତ ଆମ୍ଭର ଦାରୁମୂର୍ତ୍ତିକୁ ଦେଖି କସ୍ମିନ କାଳେ ଅବଜ୍ଞା କରିବେ ନାହିଁ । ଆମ୍ଭେ ହିଁ ସୃଷ୍ଟିକର୍ତ୍ତା, ପାଳନକର୍ତ୍ତା ଏବଂ ସଂହାର କର୍ତ୍ତା । ଭକ୍ତମାନେ ନିଜର ମନୋବାଞ୍ଛାକୁ ପୂରଣ କରିବା ପାଇଁ ନିର୍ଦ୍ଧାରିତ ଭକ୍ତିମାର୍ଗରେ ଉପାସନା କରିବେ ।


ଶ୍ରୀ ଶଂକର୍ଷଣ ମଂଗରାଜ

(ପୂର୍ବତନ କାର୍ଯ୍ୟକର୍ତ୍ତା, ପ୍ରସାର ଭାରତୀ), ମଂଗଳାଘାଟ ରୋଡ଼, ପୁରୀ-୧




ଶ୍ରୀବିଗ୍ରହମାନଙ୍କ ଦୈନନ୍ଦିନ ଅନୁଷ୍ଠିତ 'ବଡ଼ସିଂହାର' ବେଶ


ବି.ଦ୍ର.: ପ୍ରକାଶିତ ପ୍ରବନ୍ଧଗୁଡ଼ିକରେ ଉପସ୍ଥାପିତ ମତାମତ ସମୂହ ସଂପୃକ୍ତ ଲେଖକମାନଙ୍କର ନିଜସ୍ୱ ଓ ସେଥିପାଇଁ ଶ୍ରୀମନ୍ଦିର ପ୍ରଶାସନ ଦାୟୀ ନୁହଁନ୍ତି ।



**Printed & Published by Shree Jagannath Temple Administration, Puri, Ph. : 06752-222002, Fax - 252100**

**E-mail : jagannath.or@nic.in * Web Site : www.shreejagannatha.in Printed at : Rama Press, Near Amala Club, Puri**

@Shree Jagannatha Temple, Puri @jagannathadhaam @JagannathaDhaam @SJTA_Puri ମୂଲ୍ୟ : ଦୁଇଟଙ୍କା ମାତ୍ର